# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 13 January - 2025
**********************************

# ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ରାଷ୍ଟ୍ରପତି ଜିଲ୍ଲାର ୩ହଜାର ଚାଷୀଙ୍କୁ ଦୁଧିଆଳି ଗାଈ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ୧୯ଟି ବିଦ୍ୟାଳୟରେ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହା ସହ ଓମ୍‌ଫେଡକୁ ବିପଣନ ସହାୟତା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଧନୁଯାତ୍ରା-ମୁଖ୍ୟମନ୍ତ୍ରୀ

ପ୍ରାଚୀନ ପରମ୍ପରା ଓ ଲୋକରୀତି ଆଧାରରେ ଧନୁଯାତ୍ରା ପାରମ୍ପରିକତାକୁ ବଜାୟ ରଖିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କହିଛନ୍ତି । ବରଗଡ଼ ଧନୁଯାତ୍ରାର ଦଶମ ଦିନରେ ରାଜ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଧନୁଯାତ୍ରା ବିଶ୍ୱରେ ପରିଚିତ ଏବଂ ଓଡିଆ ଅସ୍ମିତା ବଳିଷ୍ଠ ପରିଚୟ । ଚଳିତବର୍ଷ ଏହି ଯାତ୍ରାକୁ ଆହୁରି ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ସରକାର ଅନୁଦାନ ରାଶିକୁ ଏକ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**V/0**

ଧନୁଯାତ୍ରା ଆଜି ଉଦ୍‌ଯାପିତ ହେଉଛି ।

# ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ବନ୍ଦ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥିବାରୁ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି ।

# ମହାକୁମ୍ଭ ମେଳା-ସ୍ୱତନ୍ତ୍ର ଟ୍ରେନ

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆଜି ପୌଷପୂର୍ଣ୍ଣିମା ଅବସରରେ ଅମୃତ ସ୍ନାନ ସହ ମହାକୁମ୍ଭ ମେଳା-୨୦୨୫ ଆରମ୍ଭ ହୋଇଛି । ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳୀ ତ୍ରିବେଣୀ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବୁଡ ପକାଉଛନ୍ତି ।  କୁମ୍ଭମେଳା ଆସନ୍ତା ମାସ ୨୬ତାରିଖ ମହାଶିବରାତ୍ରୀ ପର୍ଯ୍ୟନ୍ତ ଚାଲିବ ।

ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କୁମ୍ଭମେଳା ଲାଗି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି । ଟ୍ରେନଗୁଡିକ ଓଡିଶାର ବିଭିନ୍ନ ପ୍ରମୁଖ ସହରରୁ ପ୍ରୟାଗରାଜକୁ ଚଳାଚଳ କରିବ ।

# ଆୟୁଷ୍ମାନ ଭାରତ

ରାଜ୍ୟରେ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଆଜି ନୂଆଦିଲ୍ଲୀରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ସମନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ବୁଝାମଣା ସ୍ୱାକ୍ଷର ହେବ । ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ମଧ୍ୟରେ ବୁଝାମଣା ସ୍ୱାକ୍ଷର

ହେବ ବୋଲି ଜଣାପଡିଛି । ସୂଚନାନୁସାରେ ରାଜ୍ୟରେ ଆସନ୍ତାମାସରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ନେଇ ସରକାର ପୂର୍ବରୁ ଘୋଷଣା କରିଥିଲେ ।

## ଚିନ୍ତନ ଶିବିର

କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଜସ୍ଥାନର ଉଦୟପୁରଠାରେ ଆୟୋଜିତ ଚିନ୍ତନ ଶିବିରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଛନ୍ତି । ଶ୍ରୀମତୀ ପରିଡା କହିଛନ୍ତି, ଶିବିରରେ ମନ୍ତ୍ରଣାଳୟର ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତିର ସମୀକ୍ଷା କରାଯାଉଛି । ଏହା ସହ ପରସ୍ପରର ଅଭିଜ୍ଞତା ଏବଂ ସର୍ବୋତ୍ତମ ଅଭ୍ୟାସଗୁଡିକୁ ଆପଣାଇବା ଏବଂ ସାମଗ୍ରିକ ଉନ୍ନତି ପାଇଁ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଇନ୍‌ପୁଟ ସହାୟତା

ରାଜ୍ୟର ୪ଲକ୍ଷ ୫୦ହଜାର ଚାଷୀଙ୍କୁ ଏପର୍ଯ୍ୟନ୍ତ ଏକହଜାର ୬୫୦କୋଟି ଟଙ୍କାର ଅତିରିକ୍ତ ଇନ୍‌ପୁଟ ସହାୟତା ପ୍ରଦାନ କରାଯାଇଛି । ସରକାର ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଶହ ଟଙ୍କା ଉପରେ ୮ଶହ ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରୁଛନ୍ତି । ଚାଷୀମାନଙ୍କୁ ଧାନ ସଂଗ୍ରହ ଓ ଅଭିଯୋଗ ଗୁଡିକର ସମାଧାନ ପାଇଁ ହେଲ୍‌ଲାଇନ ନମ୍ବର ୧୯୬୭ରେ ଯୋଗାଯୋଗ କରିପାରିବେ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

# ପୁରୀ-ପହିଲି ଭୋଗନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ପହଲି ଭୋଗ ନୀତି ଶେଷ ହେବ । ମହାପ୍ରଭୁଙ୍କ ଆଜି ନବାଙ୍କ ବେଢା ଓ ନବାଙ୍କ ବେଶ ଅନୁଷ୍ଠିତ ହେବ । ପବିତ୍ର ଧନୁସଂକ୍ରାନ୍ତିଠାରୁ ଶ୍ରୀମନ୍ଦିର ପହଲି ଭୋଗ ନୀତି ଆରମ୍ଭ ହୋଇଥିଲା ।

# ପାୟଲ ନାଗ

ବଲାଙ୍ଗୀର ଜିଲ୍ଲାର ପାୟଲ ନାଗ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଜାତୀୟ ପାରା ତିରନ୍ଦାଜୀ ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ପ୍ରତିଯୋଗିତାର ମହିଳା କମ୍ପାଉଣ୍ଡ ଓପନ ଡବ୍ଲୁ ଡ୍ୱାନ ବର୍ଗରେ ପାୟଲ ଏହି ସଫଳତା ହାସଲ କରିଛନ୍ତି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ଗତକାଲି ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ବର୍ଗର ଉଦ୍‌ଘାଟନୀ ମ୍ୟାଚରେ ଓଡିଶା ୱାରିଅର୍ସ ୪-୦ଗୋଲରେ ଦିଲ୍ଲୀ ପାଇପର୍ସଙ୍କୁ ପରାସ୍ତ କରିଛି । ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ପୁରୁଷ ବର୍ଗ ମ୍ୟାଚରେ ହାଇଦ୍ରାବାଦ ତୁଫାନ- କଳିଙ୍ଗ ଲାନର୍ସସ୍‌କୁ ୧-୫ଗୋଲରେ ପରାସ୍ତ କରିଛି । ଆଜି ତାମିଲନାଡୁ ଡ୍ରାଗନ୍ସ ଓ ଦିଲ୍ଲୀ ଏସ.ଜି ପାଇପର୍ସ ମଧ୍ୟମରେ ମୁକାବିଲା ହେବ ।